• କଠିନ ଶବ୍ଦର ଅର୍ଥ :

| | | |
|---|---|---|
| ପୁରପଲ୍ଲୀ | - | ଗ୍ରାମସମୂହ |
| ମୁହୂର୍ତ୍ତେ ହେଲେ | - | କ୍ଷଣକପାଇଁ |
| ମାଗୁଣି ଚାଲିଗଲା | - | ମାଗୁଣି ମରିଗଲା |

| | |
|---|---|
| ସତ୍ୟାଗ୍ରହ | - ଆନ୍ଦୋଳନ |
| ଜନସମୁଦ୍ର | - ଲୋକଗହଳି |
| ମୁଣ୍ଡଝାଳ ତୁଣ୍ଡରେ ମାରି | - କଠିନ ପରିଶ୍ରମକରି |
| ଶଗଡ଼ିଆ | - ଯିଏ ଶଗଡ଼ ଚଳାଏ |
| ଘନଘୋର | - ପ୍ରବଳ |
| ଜାଡ଼ | - ଶୀତ |
| ତାତି | - ଗରମ |
| ଊଣା | - କମ |
| ଇଞ୍ଜିନିୟର | - ଯନ୍ତ୍ରୀ |
| ବଳେ | - ବଳେଇଯାଏ |
| ଶ୍ୟାମଳ | - ସବୁଜ |
| ତରୁପତ୍ର | - ଗଛପତ୍ର |
| ଗିରିକନ୍ଦରା | - ପାହାଡ଼ଗୁମ୍ଫା |
| ଅର୍ଦ୍ଧଶୁପ୍ତ | - ଅଧାଶୋଇବା |
| କୁକ୍‌କୁଟ | - କୁକୁଡ଼ା |
| ମଧୁରବଚନ | - ମିଠାକଥା |
| ସୁବାସ | - ମଧୁର ବାସ୍ନା |
| ବାରୁଥିଲା | - ଅନୁଭବ କରୁଥିଲା |
| ଏ ସଂସାର ସେପାଖକୁ | - ଆରପାରିକୁ |
| କାନଉଛନ୍ତି | - ଶୁଣିବାକୁ ଚାହୁଁଛନ୍ତି |
| ବାଳବିଧବା | - ବାଲ୍ୟକାଳରୁ ସ୍ୱାମୀ ହରାଇବା |
| ସୁହାସିନୀ | - ଯିଏ ଭଲ ହସେ |
| ରଇତନେତା | - ଚାଷୀଙ୍କ ମୁଖିଆ |
| ଜୀବନ୍ତ | - ଜୀଅନ୍ତା |
| ଛନକା | - ଛାନିଆଁ, ଭୟ |
| ଦୈତ୍ୟ | - ଦାନବ, ରାକ୍ଷସ |

## ପ୍ରଶ୍ନୋତ୍ତର

- **ଅତି କ୍ଷୁଦ୍ର ଉତ୍ତରମୂଳକ :**

୧। ପ୍ରତିଦିନ ଖଲିକୋଟର ପ୍ରଜାଙ୍କ ଭିତରେ କ'ଣ ଚାଲିଥିଲା ?

ପ୍ରତିଦିନ ଖଲିକୋଟର ପ୍ରଜାଙ୍କ ଭିତରେ ଯିବାଆସିବା ଚାଲିଥିଲା ।

୨। କାହାର ମୃତ୍ୟୁରେ ଖବରଟା ପୁରପଲ୍ଲୀରେ ବ୍ୟାପିଗଲା ?

ମାଗୁଣିର ମୃତ୍ୟୁରେ ଖବରଟା ପୁରପଲ୍ଲୀରେ ବ୍ୟାପିଗଲା ।

୩। ମାଗୁଣି କ'ଣ ପାଇଁ ଲଢ଼େଇ କରୁଥିଲା ?

ମାଗୁଣି ନିଜର ପେଟ ଚାଖଣ୍ଡକ ପାଇଁ ଲଢ଼େଇ କରୁଥିଲା ।

୪। ମାଗୁଣିର କେଉଁମାନେ ସାଥୀ ଥିଲେ ?

ଶଗଡ଼, କାଳିଆ, ବଳିଆ ଦୁଇବଳଦ ଥିଲେ ମାଗୁଣିର ସାଥୀ ।

୫। ଲୋକେ କ'ଣ ଦେଖି ସମୟ ଜାଣୁଥିଲେ ?

ଲୋକେ ମାଗୁଣିକୁ ଦେଖି ସମୟ ଜାଣୁଥିଲେ ।

୬। ଶଗଡ଼ରେ ବସି ମାଗୁଣି କେଉଁ ଗୀତଟି ବୋଲୁଥିଲା ?

ଶଗଡ଼ରେ ବସି ମାଗୁଣି ଗାଉଥିଲା, "ରାମଯେ ଲଇକ୍ଷଣ ଗଲେ ମୃଗମାରି"।

୭। କେଉଁଠାରୁ ମାଗୁଣିର ଗୀତର ପ୍ରତିଧ୍ୱନି ଉଠେ ?

ଶ୍ୟାମଳ ତରୁପତ୍ର ତଳେ, ଗିରିଗୁମ୍ଫା ଭିତରେ ମାଗୁଣିର ଗୀତ ପ୍ରତିଧ୍ୱନିତ ହୁଏ ।

୮। କେଉଁମାନେ ମାଗୁଣିକୁ ଉତ୍ତର ଦିଅନ୍ତି ?

କୁକୁଡ଼ା, କୁମ୍ଭାଟୁଆ ମାଗୁଣିକୁ ଉତ୍ତର ଦିଅନ୍ତି ।

୯। ଘଡ଼ଘଡ଼ ଶବ୍ଦକରି ଶଗଡ଼ଟି କେଉଁଆଡ଼େ ଯାଏ ?

ଘଡ଼ଘଡ଼ ଶବ୍ଦକରି ଶଗଡ଼ଟି ଷ୍ଟେସନ ଆଡ଼କୁ ଆଗେଇଯାଏ ।

୧୦। କାହାର ମଧୁର କଥାରେ ମାଗୁଣି ସକଳ ଦୁଃଖ ଭୁଲିଯାଉଥିଲା ?

ନିଜର ସ୍ୱପ୍ନନାୟିକା, ମନର ମାନସୀର ମିଠାକଥାରେ ମାଗୁଣି ସବୁ ଭୁଲିଯାଇଥିଲା ।

୧୧। ମାଗୁଣି କେଉଁ ରାଜ୍ୟର ରାଜା ଥିଲା ?

ମାଗୁଣି ଥିଲା ସ୍ୱପ୍ନ ରାଇଜର ରାଜା ।

୧୨। କାହାପାଦତଳେ ଫୁଲ ଫୁଟିବାର ମାଗୁଣି ଦେଖୁଥିଲା ?

ମନର ମାନସୀ ପାଦତଳେ ଫୁଲ ଫୁଟିବାର ମାଗୁଣି ଦେଖୁଥିଲା ।

୧୩। ଲୋକଙ୍କ ବାଟ ସରିବା ପୂର୍ବରୁ ସେ କ'ଣ କରେ ?

ଲୋକଙ୍କ ବାଟ ସରିବା ପୂର୍ବରୁ ମାଗୁଣି ଗୀତ, ଗପ ଶୁଣାଇଥାଏ ।

୧୪। ମଧୁରଥେ ଶଗଡ଼ରେ କାହିଁକି ବସିଥିଲେ ?

ମଧୁରଥେ ମଣିଷ ମାରି ଧରାହୋଇଥିଲେ । ସେ ମାଗୁଣିର ଶଗଡ଼ରେ ବସି ଯାଇଥିଲେ ।

୧୫। ମାଗୁଣି ଦରିଦ୍ରର ସାଥୀ ବୋଲି କାହାକୁ କହିଛି ?

ମାଗୁଣି ଦରିଦ୍ରର ସାଥୀ ବୋଲି ମହାତ୍ମାଗାନ୍ଧିଙ୍କୁ କହିଛି ।

୧୬। ମାଗୁଣିର ମୃତ୍ୟୁପରେ ତା କୁଡ଼ିଆରେ ଲୋକେ କ'ଣ ଦେଖିଲେ ?

ମାଗୁଣିର ମୃତ୍ୟୁପରେ ଲୋକେ ତା କୁଡ଼ିଆରେ ଦେଖିଲେ ଛିଣ୍ଡାକତରା ତଳେ ପାଞ୍ଚଣବାଡ଼ିଟି ରହିଛି ।

୧୭। ମାଗୁଣି ଗାନ୍ଧିଜୀଙ୍କ କଥା କେଉଁ ସଭାରେ ଶୁଣିଥିଲା ?

ମାଗୁଣି ଗାନ୍ଧିଜୀଙ୍କ କଥା କୋଦଲା ସଭାରେ ଶୁଣିଥିଲା ।

- **କ୍ଷୁଦ୍ର ଉତ୍ତର ମୂଳକ :**

୧୮। ଗୃହ ପରିବାର ବା ସାଇପଡ଼ିଶାର ଲୋକେ କେଉଁ ଖବର ରଖିଥାନ୍ତି ?

ଗୃହପରିବାର ବା ସାଇପଡ଼ିଶାର ଲୋକେ ନିଜ ପ୍ରିୟ ଲୋକଙ୍କ ଯିବାଆସିବା (ଜନ୍ମମୃତ୍ୟୁ)ର ଖବର ରଖନ୍ତି ।

୧୯। କାହିଁକି ମାଗୁଣିର ମୃତ୍ୟୁରେ ସମସ୍ତେ ଦୁଃଖିତ ହେଲେ ?

ମାଗୁଣି ସେ ଅଞ୍ଚଳର ଲୋକଙ୍କ ସହିତ ଏଭଳି ମିଶିଯାଇଥିଲା ଯେ ସମସ୍ତେ ତାକୁ ନିଜ ପରିବାରର ସଦସ୍ୟ ବୋଲି ଭାବୁଥିଲେ । ଏଣୁ ତା ମୃତ୍ୟୁରେ ସମସ୍ତେ ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ ।

୨୦। ମାଗୁଣି କେଉଁମାନଙ୍କୁ ନେଇ ତାର ସଂଘ ଗଢ଼ିଥିଲା ?

ମାଗୁଣି ତାର ଶଗଡ଼ ଏବଂ ଦୁଇ ବଳଦ (କାଳିଆ/କସରା)ଙ୍କୁ ନେଇ ଗୋଟାଏ ସଂଘ ଗଢ଼ିଥିଲେ ।

ମାଗୁଣି ଶଗଡ଼ରେ ପମ୍ପ ଦେବାଟା କିପରି ଜଣାପଡ଼େ ?

୨୧। ମାଗୁଣି ଶଗଡ଼ରେ ପମ୍ପ ଦେବାଟା କିପରି ଜଣାପଡ଼େ ?

ମାଗୁଣି ତା'ର ପ୍ରିୟ ଦୁଇ ବଳଦ, କାଳିଆ ଆଉ କସରାଙ୍କୁ ଆଉଁସିଦେଇ ପିଠି ଆପୁଡ଼େଇ ଦେଲେ ସେମାନେ ଅଧିକ ଜୋର୍‌ରେ ଦୌଡ଼ନ୍ତି । ଅର୍ଥାତ ମାଗୁଣିର ଶଗଡ଼ରେ ପମ୍ପ ଦିଆହେଲା ।

୨୨। ମାଗୁଣି ତା ନିଜକଥାରେ କ'ଣ କହେ ?

ମାଗୁଣି ତା ନିଜକଥାରେ ତା ବାପାମାଆଙ୍କ କଥା, ତା ସ୍ୱପ୍ନନାୟିକା ପ୍ରିୟତମାର କଥା, ସ୍ୱପ୍ନ ରାଇଜର କଥା, ପରଜନ୍ମରେ ଆରପାରିକୁ ଯାଇଥିବା ମାନସୀ ସହିତ ସାକ୍ଷାତ କରିବାର କଥା କହି ଲୋକଙ୍କୁ କନ୍ଦାଇ ପକାଏ । ନିଜେ ମଧ୍ୟ କାନ୍ଦିପକାଏ ।

୨୩। ମାଗୁଣି କିପରି ଆରଜନ୍ମରେ ତା ପତ୍ନୀକୁ ଭେଟିବାକୁ ଚେଷ୍ଟା କରୁଥିଲା ?

ମାଗୁଣିର ପତ୍ନୀ ତା ଆଗରୁ ବାଟକାଟି ଆରପାରିକୁ ଚାଲି ଯାଇଥିଲା । ସେ ତାକୁ ଖୁବ୍ ଭଲ ପାଉଥିଲା । ଦିନକୁ ଦୁଇଥର ଗାଁରୁ ଷ୍ଟେସନ ଆଉ ଷ୍ଟେସନରୁ ଗାଁକୁ ଶଗଡ଼ ଚଲାଇ ଆର ଜନ୍ମରେ ତାକୁ ଭେଟିବ ବୋଲି ମନେମନେ ଭାବୁଥିଲା ।

୨୪। ସତ୍ୟାଗ୍ରହରେ ଯୋଗ ନଦେଇ ମଧ୍ୟ ମାଗୁଣି କାହିଁକି ପରିଚିତ ?

ସତ୍ୟାଗ୍ରହରେ ଯୋଗ ଦେଇ ନଥିଲେ ମଧ୍ୟ ନିଇତି ନିର୍ଦ୍ଦିଷ୍ଟ ସମୟରେ ଶଗଡ଼ ଚଲାଇ ମାଗୁଣି ସବୁରି ସ୍ନେହଶ୍ରଦ୍ଧାରେ ଆପ୍ଲୁତ ହୋଇଥିଲା । ତାକୁ ଦେଖି ଲୋକେ ସମୟ ନିରୂପଣ କରୁଥିଲେ ।

୨୫। ଶଗଡ଼ ବିଷୟରେ ମାଗୁଣି କ'ଣ ସବୁ କହେ ?

ଶଗଡ଼ଟି ଥିଲା ମାଗୁଣିର ଏକମାତ୍ର ସମ୍ବଳ । ସେ, ଶଗଡ଼ ଏବଂ ତାର ଦୁଇବଳଦ କାଳିଆ କସରାଙ୍କୁ ନେଇ ଏକ ସଂଘ ଗଢ଼ିଥିଲା ।

୨୬। ସେ କାହିଁକି ହସିହସି ଆକାଶ ଫଟେଇ ଦେଲା ?

ସିଂହଘର ମୋଟର ବସ ଆଣୁଥିବା କଥା ଶୁଣି ସେ ହସିହସି ଆକାଶ ଫଟାଇ ଦେଇଥିଲା । ସେ ଭାବିଥିଲା ଯେତେ ମୋଟର ଚାଲିଲେ ମଧ୍ୟ ଲୋକେ ତା ଶଗଡ଼କୁ ଭୁଲିପାରିବେ ନାହିଁ ।

୨୭। କୋଦଲା-ସଭାରେ ମାଗୁଣି କ'ଣ ଶୁଣିଥିଲା ?

କୋଦଲା ସଭାରେ ମାଗୁଣି ଶୁଣିଥିଲା ଯେ କଳଜିନିଷଠୁ ହାତ ଜିନିଷ ଭଲ । ମୋଟର ଠାରୁ ତା ଶଗଡ଼ କୋଉ ଗୁଣରେ ଊଣା ନୁହେଁ । ଲୋକେ ନିଶ୍ଚିତ ତା ଦୁଃଖ ବୁଝିବେ ।

୨୮। ସିଂହଙ୍କ ବସ ଚାଲିଲାପରେ ମାଗୁଣିର ଅବସ୍ଥା କ'ଣ ହେଲା ?

ସିଂହଙ୍କ ବସ ଚାଲିବା ପରେ ଲୋକେ ଆଉ ମାଗୁଣିକୁ ପଚାରିଲେ ନାହିଁ । ତା ଶଗଡ଼ ଚାଲିଲାନି, ନଖାଇ ନପିଇ ଶଗଡ଼ ବାହିଲା । କାଳିଆ କସରାଙ୍କ ଛାତିହାଡ଼ ବାହାରି ପଡ଼ିଲା । ସେ ଆଉ କିଛି କରିପାରିଲାନି ।

୨୯। ମାଗୁଣିର କୁଡ଼ିଆ ଦୁଆର ଭାଙ୍ଗି ଗାଁଲୋକେ କ'ଣ ଦେଖିଲେ ?

ମାଗୁଣିର କୁଡ଼ିଆ ଦୁଆର ଭାଙ୍ଗି ଲୋକେ ତା'ର ଶବ କାଢ଼ିଲେ ଏବଂ ଦେଖିଲେ ଛିଣ୍ଡା କତରା ତଳେ ତା'ର ପାଞ୍ଚଣ ବାଡ଼ିଟି ରହିଛି ।

୩୦। "ଆହା ! ମାଗୁଣି ଚାଲିଗଲା" ବୋଲି କହି ଲୋକେ କାହିଁକି ଦୁଃଖ କଲେ ?

ମାଗୁଣି ନେତା, ମନ୍ତ୍ରୀ ନଥିଲେ ବି ସବୁରି ଅତିପରିଚିତ ଥିଲା । ଗାଁ ଗହଳର ଲୋକେ ମଧ୍ୟ ତାକୁ ଜାଣିଥିଲେ । ବସ ଚାଲିବାରୁ ତା ଶଗଡ଼ ଆଉ ଚାଲିଲା ନାହିଁ, ଦୁଃଖରେ, ଭୋକ ଓପାସରେ ପଡ଼ି ସେ ମରିଗଲା । ଏଣୁ ଲୋକେ ମନଦୁଃଖ କଲେ ।

- **ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

(ନିମ୍ନରେ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛ)

୩୧। ଖଲିକୋଟରେ ମାଗୁଣିର ପରିଚୟ କ'ଣ ଥିଲା ?

(କ) ଜଣେ ନେତା (ଖ) ଜଣେ ରାଜା

(ଗ) ଜଣେ ଶଗଡ଼ିଆ (ଘ) ଜଣେ ବ୍ୟବସାୟୀ

ଉ. ଜଣେ ଶଗଡ଼ିଆ

୩୨। ବେଦାଳିଆ ଗାଁର କିଏ ନରହତ୍ୟା ଅପରାଧରେ ଧରାହୋଇ ମାଗୁଣି ଶଗଡ଼ରେ ବସି ଯାଇଥିଲେ ?

(କ) ରଘୁନାଥ (ଖ) ନରହରି

(ଗ) ମଧୁରଥ (ଘ) ହରିରଥ

ଉ. ମଧୁରଥ

୩୩। ଛିଣ୍ଡାକତରା ତଳେ କ'ଣ ଶୁଆଇ ଦେଇ ମାଗୁଣି ଆଖି ବୁଜି ଦେଇଛି ?

(କ) ତକିଆ (ଖ) ଲୁହାବାଡ଼ି

(ଗ) ଗାମୁଛା (ଘ) ପାଞ୍ଚଣବାଡ଼ି

ଉ. ପାଞ୍ଚଣବାଡ଼ି

୩୪। ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଦୁଇଟା ବଳଦ ଓ ମାଗୁଣି; ଏ ତିନି ମିଶି ______ ଗଢ଼ିଥିଲେ ।

(<u>ଗୋଟାଏ ସଂଘ</u> / ଗୋଟାଏ ସମିତି / ଗୋଟାଏ ଦଳ)

(ଖ) ଘଡ଼ଘଡ଼ି ଶବ୍ଦରେ ମାଗୁଣିର ଶଗଡ଼ ଚାଲିଯାଏ ______ ଅଭିମୁଖେ ।

(ବଜାର / <u>ଷ୍ଟେସନ</u> / ଘର)

(ଗ) ନିଜେ ଦୁଇଟୋପା ଲୁହ ନିଜର ______ ରେ ପୋଛି ଦେଇ ମାଗୁଣି ବଳଦଉପରେ ହାତମାରି କହେ ଆଉ ଗୋଟିଏ ଗପ୍ପ ।

(ରୁମାଲ / ଗାମୁଛା / <u>ଚିରାକାନି</u>)

(ଘ) ପଚାଶ ବର୍ଷର ମାଗୁଣି ______ ବର୍ଷର ସାଥୀ ବଳଦଙ୍କୁ ଧରି ଭଡ଼ା ବୋହି ଚାଲେ । (<u>୧୨</u> / ୧୧ / ୧୩)

(ଙ) ଖଜଣା ଗଣ୍ଡାକ ଦେଇ ନପାରି ______ ଜେଲ ଗଲା ।

(<u>ଗଦାରାଉଳ</u> / ହରି ପ୍ରଧାନ / ରାମ ରାଉତ)

୩୫। ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାକୁ ସରଳବାକ୍ୟ କହନ୍ତି । ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ କେଉଁଗୁଡ଼ିକ ସରଳ ବାକ୍ୟ ବାଛି ଲେଖ । ଯେଉଁଗୁଡ଼ିକ ସରଳବାକ୍ୟ ନୁହେଁ ସେ କୋଠରୀରେ କିଛି ଲେଖନାହିଁ ।

ଉଦାହରଣ : ମାଗୁଣି ଆଖି ବୁଜିଲା । (ସରଳବାକ୍ୟ)

| | | |
|---|---|---|
| ୧ | ରାମ ପରିଶ୍ରମକଲା ଏବଂ ପୁରସ୍କାର ପାଇଲା । | |
| ୨ | ପରିଶ୍ରମୀ ଛାତ୍ରମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି । | ସରଳ |
| ୩ | ବନ୍ୟାରେ ବହୁ ଧନଜୀବନ ନଷ୍ଟ ହେଲା । | ସରଳ |
| ୪ | ମହାବାତ୍ୟା ହେଲା ଓ ବହୁ ଧନଜୀବନ ନଷ୍ଟ ହେଲା । | |
| ୫ | ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ଅଟେ । | ସରଳ |
| ୬ | ଶିକ୍ଷକ ଛାତ୍ରମାନଙ୍କୁ ପାଠପଢ଼ାଇଲେ । | ସରଳ |
| ୭ | ଯେତେବେଳେ ସନ୍ଧ୍ୟାହେଲା ସେତେବେଳେ ପକ୍ଷୀମାନେ ବସାକୁ ଫେରିଲେ । | |

୩୬। 'କ' ସ୍ତମ୍ଭରେ ଦିଆଯାଇଥିବା ରୂଢ଼ି ସହିତ 'ଖ' ସ୍ତମ୍ଭରେ ତାର ଉପଯୁକ୍ତ ଅର୍ଥ ମିଳାଇ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅରଣ୍ୟ ରୋଦନ | ବୃଥା ପ୍ରାର୍ଥନା |
| କାଠିକର ପାଠ | କଷ୍ଟସାଧ |
| କପାଳ ଫାଟିବା | ସର୍ବନାଶ ହେବା |
| ନାକ ଛିଞ୍ଚାଡ଼ିବା | ବିରକ୍ତ ହେବା |
| ଚିତା କାଟିବା | ଠକିବା |